ପ୍ରଗତିବାଦୀ
PRAGATIVADI

13th Nov, 2020

# ଆଇଆଇଟିରେ ଜାତୀୟ ଶିକ୍ଷା ଦିବସ

• ଭୁବନେଶ୍ୱର, ପିଏନଏସ

ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମଜୟନ୍ତୀ ସମଗ୍ର ଦେଶରେ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ ହେଉଥିବା ବେଳେ ଆଇଆଇଟି ଭୁବନେଶ୍ୱର ଏଥିରୁ ବାଦ ପଡିନି । କାର୍ଯ୍ୟକ୍ରମଟି ମହାନ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳୀ ସଭା ଠାରୁ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମ ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ରାଜାକୁମାର କହିଥିଲେ ଦେଶ ସ୍ୱାଧିନ ହେବା ପରେ ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ଅବୁଲ କଲାମ ଆଜାଦଙ୍କ ଅବଦାନ ହେଉଛି ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ଗଢିବା । ଖଡଗପୁର ଆଇଆଇଟି ଏହି ଯୋଜନା ଅନ୍ତର୍ଗତ । ସେହିଭଳି ଆଇଆଇଏସସି ବାଙ୍ଗାଲୋର ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଭଳି ଯୁଗାନ୍ତକାରୀ ଯୋଜନା ଆଜିର ଶିକ୍ଷାବ୍ୟବସ୍ଥାକୁ ସୁଦୃଢ କରିଛି । ତାଙ୍କର ଇଚ୍ଛା ଥିଲା ବିଶ୍ୱରେ ଭାରତୀୟ ଶିକ୍ଷା ବ୍ୟବସ୍ଥା ଯେପରି କୌଣସି ଗୁଣରେ କମ ହେବ ନାହିଁ । ତାଙ୍କର ଏହି ଇଚ୍ଛାକୁ ସମ୍ମାନ ଜଣାଇ ଆଇଆଇଟି ଭୁବନେଶ୍ୱର ଯେମିତି ବୈଷୟିକ ଶିକ୍ଷାକ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ସ୍ଥାପନ କରିବ ତାହା ଆମ ମାନଙ୍କର ଲକ୍ଷ୍ୟ ହେବା ଦରକାର ବୋଲି ପ୍ରଫେସର ରାଜାକୁମାର କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିନ ଭି. ଆର ପେଡ୍ଡି ରେଡ୍ଡି, ଡ. ପି.ଆର ସାହୁ, ପ୍ରଫେସର ବ୍ରହ୍ମା ଦେଓ ଏବଂ ଦେବରାଜ ରଥ ପ୍ରମୁଖ ଉପସ୍ଥିତ ଥିଲେ ।